ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



# ସମ୍ପାଦକୀୟ...

## ରାଜାନୁଗତ ଧର୍ମ

'ପ୍ରତିକୂଳତା' ହିଁ ଜଣଙ୍କର ବ୍ୟକ୍ତିତ୍ୱର ପରିଚୟ ଦେଇଥାଏ । ବନବାସ ହିଁ ରାମଙ୍କ ପରିଚିତି ଓ ରାମାୟଣ ମହାକାବ୍ୟ ସୃଷ୍ଟିର କାରଣ । ସେମିତି ବିନା ମହାଭାରତରେ 'ଗୀତା' କାହିଁ, ଅର୍ଜୁନ, କର୍ଣ୍ଣ ବା ଶ୍ରୀକୃଷ୍ଣ କାହାନ୍ତି ? ମହାକାଳ, ଇତିହାସ ବା ପୁରାଣ ଯେଉଁମାନଙ୍କ ନାମ ଲିଖାଇ ପାରନ୍ତିନି ସେମାନେ ଭୋକିଲିଆ କି ହୋଲିଖେଳ ମହୁଆଲା କି ଯାତେରା ଝୁଙ୍କ ଦଳିଆ ନୁହନ୍ତି । ଏଗୁଡ଼ା ''ଆହାର ନିଦ୍ରା ଭୟ ମୈଥୁନ''ରେ ଏକାକାର ହୋଇଥିବା ପଶୁ ଦଳିଆ । ଏଙ୍କୁ ମହାକାଳ କୋଉ କେଶାଗ୍ରେ ଖାତିର କରେ ଯେ ! ଜୀବନକୁ, ଯୌବନକୁ ଓ ମନକୁ ଯେଉଁମାନେ 'ସମୂହ' ପାଇଁ ବାଜି ଲଗେଇ ଦେଇଥା'ନ୍ତି, ନାଲି କିଟିକିଟି ରକତକୁ ଯେଉଁମାନେ, ଯେମିତି ବୁହାଇ ଦିଅନ୍ତି, ତାକୁ ଝାଳ କରି ପାଣି ପରିକା କରିଦିଅନ୍ତି, ସେମାନଙ୍କ ଭିନ୍ନତା, ସ୍ୱାତନ୍ତ୍ୟ ତ ସର୍ବଗ୍ରାସୀ କାଳ ବକ୍ଷରେ ଖୋଦେଇ ହୋଇଯାଏ । ତା' ସେ ବା କିଏ ବି ଲିଭାଇ ପାରନ୍ତିନି । ଖ୍ରୀଷ୍ଟପୂର୍ବ ତିନିଶହରୁ ଅଧିକ ପୂର୍ବର ଜଣେ ମଣିଷ ସକ୍ରେଟିସ । ସେ କୁ ରାଜା, ଜମିଦାର ବା ସେମିତିକା କୁ ପଦପଦବୀରେ ଥିଲେ କହୁନା । ଏ ଯାଏ ତାଙ୍କ ନାଁ ଇତିହାସ ଘୋଷୁଛି ନା, ନାହିଁ ମ ! ''କୁସୁମ ପରଶେ ପଟ ନିଷ୍ଠରେ'' ପରିକା, ତାଙ୍କ ସହ ସମ୍ପୃକ୍ତ ଅନାମଧେୟ, ଅବାଞ୍ଛିତ ଗୁଡ଼େ ବି ଅଲିଭା ଏଇ ମଉକାରେ ହୋଇଗଲେ । ସେମିତି ଆମେରିକା ସ୍ୱାଧୀନତା ସଂଗ୍ରାମ ନୋହିଥିଲେ ଜର୍ଜ ୱାଶିଂଟନଙ୍କୁ କିଏ ଜାଣିଥାନ୍ତା ? ଆମ ଗାନ୍ଧୀଙ୍କ କଥା ଦେଖୁନା । ଭାରତ ସ୍ୱାଧୀନତା ସଂଗ୍ରାମ ନୋହିଥିଲେ, କିଏ ମଣିଷ ଦିହର ଏ ମହାତ୍ମାଙ୍କୁ ଜାଣି ପାରିଥା'ନ୍ତା ? ସେ କୁ ପଦଧାରୀ କି କୁ କୁବେରଟେ ଥିଲେ କି ? ପଦପଦବୀରେ ନଥିବା ଜଣେ ସାଧାରଣ ମଣିଷ ପାଇଁ ଜାତିସଂଘ ପ୍ରଥମ ଥର ପାଇଁ ତାଙ୍କ ମୃତ୍ୟୁରେ ସମ୍ମାନ ଜଣାଇ ପତାକାକୁ ଅର୍ଦ୍ଧନମିତ କଲା । ବିଶିଷ୍ଟ ସାହିତ୍ୟିକ, ସାମ୍ବାଦିକ ଲୁଇ ଫିସର ଲେଖିଛନ୍ତି, ''UNO lowered it's flag to half mast. Humanity lowered it's flag.'' ସେଇଥି ପାଇଁ ଇଂରାଜୀରେ ବି କୁହାଯାଇଛି, ''Adversity is the test of man.'' ବିନା ବିପତ୍ତି, ବିନା ସଂଗ୍ରାମୀରେ କିଏ 'ନିଦା' ହୋଇଛି ଯେ ! ଅବଶ୍ୟ ଜୀବନକୁ ବାଜିମୟ କରିଦେଇଥିବା ସଭିଏଁ କୁଆଡ଼େ ସ୍ୱତିନ୍ତ୍ରମ ଅର୍ଜନ କରିପାରିଛନ୍ତି । ବିଶୁ ମହାରଣା, ତାଙ୍କ ପୁଅ ଧର୍ମପଦ କି ଏ ଅସାଧାରଣ ଶିଳ୍ପକଳାର ମନ୍ଦିର 'କୋଣାର୍କ' ସୃଷ୍ଟିର ରାଜା ଲାଙ୍ଗୁଳା ନରସିଂହଙ୍କ ବ୍ୟତୀତ କାହିଁ କିଏ ବାରବର୍ଷ କାଳ ଜୀବନକୁ ବାଜି ଲଗେଇ ଦେଇଥିବା ଏ କାରୀଗରଙ୍କ ଭିତରୁ ଜଣଙ୍କ ନାଁ ବି କହିପାରିବେ ? ଲଢୁଆ ଜାତି ରାଜପୁତ୍ ଦୁର୍ଦାନ୍ତ ମୋଗଲ ସମ୍ରାଟ ଆକବରଙ୍କ ବଶ ହେବାପରେ, ତାଙ୍କ ସେନାପତି ବନିଥିବା ମାନସିଂ ତାଙ୍କ ଝିଆରୀ ଅନିନ୍ଦ୍ୟ ସୁନ୍ଦରୀ ଯୋଧାବାଈଙ୍କୁ ଆକବରଙ୍କ ସହ ବିବାହ କରିଥିଲେ । ସେ କାଳରେ, ଝିଅଟିଏର, ମହିଳାଟିଏର ପାଟି ଫିଟେଇବାକୁ କୁ କୁ ଥିଲା ? ସେ ତ ବାପ, ମା' ପରିବାରଙ୍କ କଣ୍ଢେଇଟେ ଥିଲା ମାତ୍ର । ଅଜଣା ଶାଶୂଘରକୁ ଯାଉଥିବା ବିଚାରୀ 'କାଳୀଜାଈ'ର ବାହୁନା ଲଥା ଯଶସ୍ୱୀ କବି ପଂସଖାର ଗୋଦାବରୀଶ ବଡ଼ ପ୍ରାଣଛୁଆଁ ଭାଷାରେ ଲେଖିଛନ୍ତି, ''ପାରିକୁଦ ବୋଲି ରାଇଜ ପୁଣି ସେ ଚିଲିକା ମଝିରେ କାହିଁ । କେମନ୍ତେ ମୂର୍ଚ୍ଛିଲ ଝିଅକୁ ବାପା ହେ, ଏତେ ଦୂରେ ଦେବା ପାଇଁ ? ବର ବୋଲି ଯାର ଧରାଇଲ ହାତ, କି ତାର ଦେଖିଲ ଶିରୀ, ରୂପ, ବିଦ୍ୟା ଆଉ ବିଭବ ବାପା ହେ, ଡିହିଏ ଡିହିକି ବଳି । ମହାମଣ୍ଡଳେ ତ ଥିବ ନାହିଁ ଜଣେ, ମୋ ଭଳି ନିରେଖ ଜନ, ଏ ମହା ସମୁଦ୍ର ମଝିରେ ବାପା ହେ, କେମନ୍ତେ ବଂଚିବି ଦିନ । ଏଡ଼େ ହାନିମାନ କରିବାକୁ ଯେବେ, ମନରେ ଥିଲା ବିଚାର, ଏକୁଡ଼ିଶାଳେଟି କିମ୍ପାଇଁ, ବାପା ହେ, ତଣ୍ଟି ଚିପି ନ ମାରିଲ ଝିଅକୁ ନିଶ୍ଚିନ୍ତେ ଦେଉଛୁ ପଠାଇ, ବନସ୍ତକୁ ଜାଣୁ ଜାଣୁ, କପାଳ ଆଦରି ଯାଉଛି, ବୋଉ ଲୋ, ପାସୋରି ନ ଦେବୁ ମନୁ ।'' ସେମିତିକା ଅସହାୟତାରେ ସମ୍ରାଟ ଆକବରଙ୍କ ସହ ବିବାହକୁ ଯୋଧାବାଈ ସୌଭାଗ୍ୟ ନ ମଣି ଦୁର୍ଭାଗ୍ୟ ମଣିଥିଲେ । ବାପା ଓ କକା ମାନସିଂ ଏ ବିବାହରେ ସମ୍ମତ ହୋଇଥିବାରୁ ତାଙ୍କୁ ଯେଉଁ ଧିକ୍କାର କରିଥିଲେ, ତା' ଏ ବଡିପେଲା ଐତିହାସିକମାନେ କାହିଁ କୋଉ ଲେଖିଲେ ଚିତୋର ଦୁର୍ଗ ଆକ୍ରମଣ ଓ ତା'ର ପତନ ପରେ, ଗଡ଼ମଧ୍ୟସ୍ଥ ରାଜପ୍ରାସାଦରେ ନିର୍ମିତ ଅଗ୍ନିକୁଣ୍ଡରେ ଶହଶହ ରାଜପୁତ ଯୁବତୀ ଓ ରମଣୀ ଯେପରି ନିଆଁକୁ ଡେଇଁ ପ୍ରାଣପାତ କରିଥିଲେ, ଇତିହାସରେ ତା'ର ଆଉ ଉଦାହରଣ କାହିଁ ସେଦିନ ପ୍ରାସାଦ ଶୀର୍ଷକୁ ଡେଇଁ ନୀଳ ଆକାଶକୁ ବିଷାଦର କାଳିମାରେ କଳା କରିଦେଇଥିବା ଏ ଧୂମକୁଣ୍ଡଳିକୁ ଦୁର୍ଗ ବାହାରୁ ଦେଖି ମୋଗଲ ଅଧିପତି ଓ ସେନା ତ୍ରସ୍ତ ଚକିତ ହୋଇଯାଇଥିଲେ ।

# ସୃଷ୍ଟିର ମୂଳ କାରଣ

## ।। ଅଧ୍ୟାପକ ଗୋପବନ୍ଧୁ ।।

ମନୁଷ୍ୟର ଉଚ୍ଚତର ଚେତନଶୀଳତା ତାକୁ ବାଧ୍ୟ କରିଛି ଏ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟିର ରହସ୍ୟ ଉପରେ ପ୍ରଶ୍ନ ଉତଥାପନ କରିବା ପାଇଁ । ଏ ଜଗତର ସୃଷ୍ଟି କିପରି ହୋଇଛି, କେହି ଜଣେ ସୃଷ୍ଟି କରିଛନ୍ତି ଅଥବା ଅନ୍ୟ କୌଣସି କାରଣ ରହିଛି ଏହି ସୃଷ୍ଟିର ତା ଉପରେ ବହୁ ତର୍କମା ହୋଇଛି । ଏହାକୁ ନେଇ ଅନେକ ପ୍ରକାରର ମତ ମଧ୍ୟ ଆସିଛି । ଅନେକ ଦାର୍ଶନିକ ଓ ଅନେକ ଚିନ୍ତକ ଏହାର ସମାଧାନର ସୂତ୍ର ବାହାର କରିବାକୁ ଚେଷ୍ଟା କରିଛନ୍ତି । ଏପରିକି ବିଭିନ୍ନ ଧର୍ମରେ ମଧ୍ୟ ଏ ବିଷୟରେ ଚର୍ଚ୍ଚା କରାଯାଇଛି । କାରଣ ଧର୍ମ ପ୍ରଚାରକମାନେ ଏହି ସମାନ ପ୍ରଶ୍ନର ସମ୍ମୁଖୀନ ହୋଇଛନ୍ତି ତାଙ୍କ ଅନୁଗାମୀଙ୍କ ନିକଟରୁ । ମନୁଷ୍ୟର ଜଗତ ସହିତ ସମ୍ପର୍କ ଓ ଜଗତ ତାର ସୃଷ୍ଟି ସହିତ କିପରିଭାବେ ସମ୍ବନ୍ଧିତ ତାହାର ପ୍ରାଞ୍ଜଳ ବ୍ୟାଖ୍ୟା ବିନା କୌଣସି ଧର୍ମ ସ୍ୱୟଂସମ୍ପୂର୍ଣ୍ଣ ହୋଇପାରେ ନାହିଁ । ଜଣେ ଧର୍ମଗୁରୁ ଶିଷ୍ୟମାନଙ୍କ ଜିଜ୍ଞାସାର ସନ୍ତୋଷଜନକ ଉତ୍ତର ଦେବାକୁ ଚେଷ୍ଟା କରିଛନ୍ତି । ଉତ୍ତର କେତେ ଯୁକ୍ତିସଙ୍ଗତ ଓ ବିଜ୍ଞାନସମ୍ମତ ତାହା ଭିନ୍ନ କଥା ।

ଜଗତର ସୃଷ୍ଟିତତ୍ତ୍ୱ ସମ୍ବନ୍ଧରେ ଆଲୋଚନା କଲାବେଳେ ଏ ସମ୍ବନ୍ଧରେ ଚିନ୍ତା କରିଥିବା ଦାର୍ଶନିକମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇ ପାରେ । ଗୋଟିଏ ହେଉଛି ଭାରତୀୟ ଦାର୍ଶନିକ ଓ ଅନ୍ୟଟି ହେଉଛି ପାଶ୍ଚାତ୍ୟ ଦାର୍ଶନିକ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତୀୟ ଦର୍ଶନ ଧର୍ମଭିତିକ ହୋଇଥିବା ବେଳେ ପାଶ୍ଚାତ୍ୟ ଦର୍ଶନ ଧର୍ମଭିତିକ ନୁହେଁ । ଅର୍ଥାତ୍ ଭାରତୀୟ ଦାର୍ଶନିକମାନଙ୍କ ବିଚାର ଧର୍ମର ରୂପ ନେଇଥିବା ବେଳେ ପାଶ୍ଚାତ୍ୟ ଦାର୍ଶନିକମାନଙ୍କ ବିଚାର ଧର୍ମରୂପ ନେଇ ନାହିଁ । ତେବେ ପ୍ରାୟ ସମସ୍ତ ଦାର୍ଶନିକଙ୍କ ସୃଷ୍ଟି ସମ୍ବନ୍ଧୀୟ ମତକୁ ତିନି ପ୍ରକାରରେ ଶ୍ରେଣୀବଦ୍ଧ କରାଯାଏ । ଅର୍ଥାତ୍ ଏମାନଙ୍କ ମଧ୍ୟରୁ କେତେକେ ଏକାନ୍ତବାଦରେ, ଆଉ କେତେକେ ଦ୍ୱୈତବାଦରେ ଓ ଅନ୍ୟ କେତେକେ ଅନେକାନ୍ତବାଦରେ ବିଶ୍ୱାସ କରନ୍ତି । ହୁଏତ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟିର ଆଧାର ଗୋଟିଏ କିମ୍ବା ଦୁଇଟି କିମ୍ବା ଅନେକ । ଏହାକୁ ନେଇ ଦାର୍ଶନିକମାନଙ୍କ ମଧ୍ୟରେ ଅନେକ ମତ ପାର୍ଥକ୍ୟ ରହିଛି । ସମସ୍ତେ ନିଜ ନିଜ ମତରେ ଅଟଳ ରହିଛନ୍ତି ଓ ସୃଷ୍ଟିତତ୍ତ୍ୱକୁ ବ୍ୟାଖ୍ୟା କରିବାକୁ ଚେଷ୍ଟା କରିଛନ୍ତି ।

ଯେଉଁମାନେ ଏକାନ୍ତବାଦୀ ସେମାନେ ବିଶ୍ୱାସ କରନ୍ତି ଏ ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ଗୋଟିଏ ମୂଳଆଧାରରୁ ହୋଇଛି । ପାଶ୍ଚାତ୍ୟ ଦର୍ଶନରେ ଏହାକୁ ମୋନିଜିମ୍ ବୋଲି କୁହାଯାଇଛି । ଏହି ଏକାନ୍ତବାଦୀମାନେ ପ୍ରାୟତଃ ଆସ୍ତିକ ହୋଇଥାନ୍ତି । ସୃଷ୍ଟିର ଏହି ମୂଳ ଆଧାର ହେଉଛନ୍ତି ଭଗବାନ । ଭାରତୀୟ ଦର୍ଶନରେ ବେଦାନ୍ତିକମାନେ ଏକାନ୍ତବାଦୀ ଅଟନ୍ତି । ଏମାନଙ୍କ ମତରେ ବ୍ରହ୍ମ ବା ଭଗବାନ ହେଉଛନ୍ତି ସକଳ ସୃଷ୍ଟିର ମୂଳ ଆଧାର । ସକଳ ସୃଷ୍ଟିର ମୂଳ କାରଣ ଓ ଶେଷ କାରଣ ମଧ୍ୟ । ଭଗବାନ ହେଉଛନ୍ତି ସୃଷ୍ଟିକାରୀ, ପାଳନକାରୀ ଓ ଧ୍ୱଂସକାରୀ । ବ୍ରହ୍ମ ସମସ୍ତଙ୍କ କାରଣ, କିନ୍ତୁ ତାଙ୍କ ସୃଷ୍ଟିର କୌଣସି କାରଣ ନାହିଁ । ସେ ହେଉଛନ୍ତି ଅଜାତ । ସେ ଚିରନ୍ତନ । ସେ ହେଉଛନ୍ତି ଜଗତର ଏକମାତ୍ର ସତ୍ୟ ଉପାଦାନ । ଭାରତବର୍ଷରେ ହିନ୍ଦୁ ଦର୍ଶନ କହିଲେ ବେଦାନ୍ତିକ ଦର୍ଶନକୁ ବୁଝାଇଥାଏ । ଆଦିଗୁରୁ ଶଙ୍କରାଚାର୍ଯ୍ୟ ଏହି ଏକାନ୍ତବାଦର ସମର୍ଥକ ଓ ଆଦିପ୍ରବର୍ତକ କହିଲେ ଅତ୍ୟୁକ୍ତି ହେବ ନାହିଁ । ହିନ୍ଦୁଧର୍ମ ସମର୍ଥିତ ସମସ୍ତ ଦାର୍ଶନିକ ଏକାନ୍ତବାଦୀ ଅଟନ୍ତି । ପାଶ୍ଚାତ୍ୟ ଦର୍ଶନରେ ସ୍ପିନୋଜା, ହେଗେଲ, ବାରକ୍ଲେ ପ୍ରଭୃତି ଦାର୍ଶନିକମାନେ ମୋନିଜିମ୍ ବା ଏକାନ୍ତବାଦରେ ବିଶ୍ୱାସ କରନ୍ତି । ଇସାଇ ଧର୍ମାବଲମ୍ବୀମାନେ ଏକାନ୍ତବାଦୀ ଅଟନ୍ତି । ସୃଷ୍ଟିକର୍ତାଭାବେ ସେମାନେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି । ଇସଲାମ୍ ଧର୍ମାବଲମ୍ବୀମାନେ ମଧ୍ୟ ଏକାନ୍ତବାଦୀ ଅଟନ୍ତି । ଏମାନେ ଆଲ୍ଲାଙ୍କୁ ସୃଷ୍ଟିର ମୂଳ କାରଣ ବୋଲି ଗ୍ରହଣ କରନ୍ତି । ସମସ୍ତ ଆସ୍ତିକ ଏକାନ୍ତବାଦୀ ଅଟନ୍ତି ।

ଦ୍ୱୈତବାଦ ଦୁଇଟି ତତ୍ତ୍ୱରେ ବିଶ୍ୱାସ କରେ । ଦ୍ୱୈତବାଦୀମାନେ ଜଗତ ସୃଷ୍ଟିର ଦୁଇଟି କାରଣ ରହିଛି ବୋଲି କହନ୍ତି । ପଶ୍ଚାତ୍ୟ ଦର୍ଶନରେ ଏହାକୁ ଡୁଆଲିଜିମ୍ ବୋଲି କୁହାଯାଇଛି, ତାହା ହେଉଛି ମନ ଓ ଶରୀର । ଭାରତୀୟ ଦର୍ଶନରେ ଏହି ଦୁଇ ତତ୍ତ୍ୱ ହେଉଛି 'ପ୍ରକୃତି' ଓ 'ପୁରୁଷ' । ଶାଂଖ୍ୟ ଓ ଯୋଗ ଦର୍ଶନ ସୃଷ୍ଟିର ଏହି ଦୁଇ ମୂଳ ଉପାଦାନକୁ ସ୍ୱୀକୃତି ଦିଅନ୍ତି । ଏମାନଙ୍କ ସଂଯୋଗରେ ସୃଷ୍ଟିର ସଂରଚନା ହୁଏ । ଏହି ଦୁଇ ଉପାଦାନ ଚିରନ୍ତନ । ଏମାନେ ଅଜାତ ମଧ୍ୟ । ସଦାସର୍ବଦା ଏମାନେ ବିଦ୍ୟମାନ । ଏହି ଦୁଇଟି ଉପାଦାନକୁ ବସ୍ତୁ ଓ ଚେତନ ବୋଲି ମଧ୍ୟ କୁହାଯାଏ । ପ୍ରକୃତି ହେଉଛି ବସ୍ତୁ ଓ ପୁରୁଷ ହେଉଛି ଚେତନ । ଦୁଇଟିଯାକ ହେଉଛି ମୂଳକାରଣ । ଏମାନଙ୍କ ସଂଯୋଗ ବିନା ଜଗତରେ ସୃଷ୍ଟି ସମ୍ଭବପର ନୁହେଁ । ପଶ୍ଚାତ୍ୟ ଦର୍ଶନରେ ଡେକାର୍ଟ୍ ହେଉଛନ୍ତି ଦ୍ୱୈତବାଦର ଦୃଢ଼ ସମର୍ଥକ । ସେ ମାଇଣ୍ଡ ଓ ବଡି ବା ମନ ଓ ଶରୀରକୁ ଦୁଇଟି ସ୍ୱତନ୍ତ୍ର ଉପାଦାନଭାବେ ସ୍ୱୀକୃତି ଦେଇଛନ୍ତି । ଏହାରି ମାଧ୍ୟମରେ ସେ ସୃଷ୍ଟିତତ୍ତ୍ୱକୁ ବୁଝାଇବାକୁ ଚେଷ୍ଟା କରିଛନ୍ତି । ତାଙ୍କ ପୂର୍ବରୁ ପ୍ଲାଟୋ ଓ ଆରିଷ୍ଟୋଟଲ ଦ୍ୱୈତବାଦର ପ୍ରଚାର କରିଛନ୍ତି । ତାଙ୍କ ପରେବି ଅନେକ ଦାର୍ଶନିକ ଆସିଛନ୍ତି ଯେଉଁମାନେ ସମାନ ବିଚାରକୁ ସମର୍ଥନ କରିଛନ୍ତି । ଦ୍ୱୈତବାଦୀମାନଙ୍କ ମଧ୍ୟରୁ ଅଧିକାଂଶ ନାସ୍ତିକ । ସାଂଖ୍ୟ-ଯୋଗରେ ପୁରୁଷକୁ ସୃଷ୍ଟିକର୍ତାଭାବେ ନୁହେଁ, ବରଂ ସର୍ବୋଚ୍ଚ ସତାଭାବେ ବର୍ଣ୍ଣନା କରାଯାଇଛି । କିନ୍ତୁ ପୁରୁଷ ପ୍ରକୃତିର ସଂସ୍ପର୍ଶରେ ଆସିଲା ପରେ ହିଁ ସୃଷ୍ଟି ସମ୍ଭବପର ହୁଏ । ବେଦାନ୍ତିକ ଦାର୍ଶନିକମାନେ ଦ୍ୱୈତବାଦକୁ ଅସ୍ୱୀକାର କରୁଥିବା ଯୋଗୁଁ ତାଙ୍କ ପ୍ରବତ ଏକାନ୍ତବାଦକୁ ଅଦ୍ୱୈତ ବେଦାନ୍ତ ବୋଲି କହନ୍ତି । କାରଣ ବେଦାନ୍ତବାଦର ଉତଥାନ କାଳରେ ଦ୍ୱୈତବାଦୀ ବିଚାର ମୁଖ୍ୟ ପ୍ରତିବନ୍ଧକ ଥିଲା, ମୁଖ୍ୟ ପ୍ରତିରୋଧି ଥିଲା ।

ଅନେକାନ୍ତବାଦ ସୃଷ୍ଟିର ଅନେକ ଉପାଦାନରେ ବିଶ୍ୱାସ କରେ । ଏହାକୁ ବିଶେଷବାଦ ବୋଲି ମଧ୍ୟ କୁହାଯାଏ । ପାଶ୍ଚାତ୍ୟ ଦର୍ଶନରେ ଏହାକୁ ପ୍ଲୁରାଲିଜିମ୍ ବୋଲି କୁହାଯାଇଛି । ଏହି ମତବାଦର ସମର୍ଥକମାନେ ଜଗତ ସୃଷ୍ଟିର ମୂଳରେ ଅନେକ ଉପାଦାନ ରହିଛି ବୋଲି କହନ୍ତି । କୌଣସି ଗୋଟିଏ ବା ଦୁଇଟି ଉପାଦାନରେ ଜଗତ ସୃଷ୍ଟି ହୋଇନାହିଁ । ଏହି ଉପାଦାନଗୁଡିକ ଅମର । ଏହି କ୍ଷୁଦ୍ରତମ ଉପାଦାନଗୁଡ଼ିକୁ ଅଣୁ ବା ଏଟମ୍, ମୋନାଡ୍, ସାବଷ୍ଟେନ୍ସ ଇତ୍ୟାଦି ବୋଲି କୁହାଯାଇଛି । ଏଗୁଡିକ ଜନ୍ମ ଓ ମୃତ୍ୟୁର ଉର୍ଦ୍ଧ୍ୱରେ । ଭାରତୀୟ ଦର୍ଶନରେ ଜୈନ, ଚାର୍ବାକ୍, ନ୍ୟାୟ ଓ ବୈଶେଷିକମାନେ ଏହି ତତ୍ତ୍ୱରେ ବିଶ୍ୱାସ କରନ୍ତି । ଅନେକାନ୍ତବାଦୀମାନେ ସାଧାରଣତଃ ନାସ୍ତିକ ହୋଇଥାନ୍ତି । ଜୈନମାନଙ୍କ ମତରେ ଅସଂଖ୍ୟ ଅଣୁ ଓ ଆତ୍ମାକୁ ନେଇ ଜଗତ ସୃଷ୍ଟି ହୋଇଛି । ଏଗୁଡିକ ଅମର । ପ୍ରତ୍ୟେକ ସୃଷ୍ଟି ଏମାନଙ୍କ ସମ୍ମିଶ୍ରଣରେ ସଂଗଠିତ ହୁଏ । ଚାର୍ବାକ୍ ମାନେ ଚାରୋଟି ଅନୁଭୂତିସିଦ୍ଧ ଉପାଦାନକୁ ଅମର ବୋଲି ସ୍ୱୀକାର କରନ୍ତି । ସେଗୁଡିକ ହେଉଛି ମାଟି, ଜଳ, ଅଗ୍ନି ଓ ବାୟୁ । ଏମାନଙ୍କ ସଂଯୋଗରେ ଜଗତ ସୃଷ୍ଟି ହୋଇଛି । ନ୍ୟାୟ-ବୈଶେଷିକମାନେ ମଧ୍ୟ ଅସଂଖ୍ୟ ଉପାଦାନରେ ଜଗତ ସୃଷ୍ଟି ହୋଇଛି ବୋଲି ଯୁକ୍ତି ରଖନ୍ତି । ଅସଂଖ୍ୟ 'ବିଶେଷ କଣା' ଦ୍ୱାରା ଜଗତର ସୃଷ୍ଟି ହୋଇଛି । ପାଶ୍ଚାତ୍ୟ ଦର୍ଶନରେ ଯେଉଁମାନେ ଅନେକାନ୍ତବାଦରେ ବିଶ୍ୱାସ କରନ୍ତି ସେମାନେ ହେଲେ ଅନକ୍ସାଗୋରସ, ଆରକୁଲେସ୍, ଜନ ଡିବ ପ୍ରମୁଖ । ବିଜ୍ଞାନକୁ ବସ୍ତୁର କ୍ଷୁଦ୍ରତମ ଉପାଦାନ ଅଣୁର ଅବଧାରଣା ଏମାନଙ୍କ ନିକଟରୁ ଆସିଛି । ଅଣୁମାନଙ୍କ ସଂଯୋଗରେ ବସ୍ତୁର ସୃଷ୍ଟି ହୁଏ ଓ ଏମାନଙ୍କ ବିଘଟନରେ ବସ୍ତୁର ବିନାଶ ।

ଜଗତ ସୃଷ୍ଟିର ମୂଳକାରଣ କଣ, ତାହାର ବାସ୍ତବବାଦୀ ସମାଧନ ଏଯାଏଁ ମିଳିନାହିଁ । ଅବଶ୍ୟ ଯେଉଁମାନେ ଆଧ୍ୟାତ୍ମିକବାଦୀ ଓ ଧର୍ମୀୟ ଅନୁଗାମୀ ସେମାନେ ଜଗତ ସୃଷ୍ଟିର ମୂଳକାରଣ ଜଣେ ସର୍ବୋଚ୍ଚ ବ୍ୟକ୍ତି ବୋଲି କହି ବିତର୍କ ଓ ଜିଜ୍ଞାସାର ସମାପ୍ତ କରନ୍ତି । ଯେଜି ଈଶ୍ୱର, ଗଡ, ଆଲ୍ଲା, ବ୍ରହ୍ମ, ଭଗବାନ ଇତ୍ୟାଦି ନାମରେ ସମ୍ବୋଧିତ ହୁଅନ୍ତି । ଏହାସତ୍ତ୍ୱେ ସୃଷ୍ଟିତତ୍ତ୍ୱ ଉପରେ ଜିଜ୍ଞାସା ଓ ବିତର୍କ ଏଯାଏଁ ସମାପ୍ତ ହୋଇନାହିଁ ପରି ମନେହୁଏ । କାରଣ ଏପରି ଧର୍ମୀୟ ମତବାଦକୁ ଅନେକେ ଗ୍ରହଣ କରନ୍ତି ନାହିଁ । ବିଶ୍ୱବ୍ରହ୍ମାଣ୍ଡର ମୂଳସତ୍ୟକୁ ନେଇ ତାଙ୍କ ମନରେ ଅନେକ ପ୍ରଶ୍ନ ଏବେବି ଅଙ୍କୁରିତ ହେଉଛି ।

*ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦*

# ମହାପ୍ରଭୁଙ୍କ ଶୀତବସ୍ତ୍ର ଓ ଶୀତ ସହ ସର୍ତ

## ।। ପୁଷ୍ପମିତ୍ର ମହାପାତ୍ର ।।

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଲୋକ ଦେବତା । ତାଙ୍କ ଦୈନିକ ନୀତିକାନ୍ତି, ପୂଜା ପଦ୍ଧତି ଠାରୁ ମହାପ୍ରସାଦ, ବିଶ୍ରାମ, ପୋଷାକ ପରିପାଟୀ ସବୁ ଠିକ ମାନବୀୟ ବ୍ୟବସ୍ଥା ପରି । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଆମେ ଏଯାବତ୍ ଜାଣି ଆସିଥିବା ପରମ୍ପରା ଓ ଲୋକ ବିଶ୍ୱାସ ଅନୁଯାୟୀ ମହାପ୍ରଭୁ ଶୀତୁଆ ମାର୍ଗଶୀର ମାସରେ ତାଙ୍କ ନୀତିକାନ୍ତି ବ୍ୟବସ୍ଥା ଅନୁଯାୟୀ ଶୀତବସ୍ତ୍ର ପରିଧାନ ବେଳେ ଶୀତ ସହ ସର୍ତ ରଖିଥାନ୍ତି ଯେ ସଂସାରରେ ଯେପରି ସେ ଲୋକଙ୍କୁ ଅଧିକ କଷ୍ଟ ଦେବ ନାହିଁ । ବାସ୍ତବିକ ମହାପ୍ରଭୁଙ୍କ ଆମ ମାନଙ୍କ ପ୍ରତି କେତେ ଯେ ଭଲପାଇବା ଓ କରୁଣା ତଥା କୃପା ବାସ ଏତିକିରୁ ଯଥେଷ୍ଟ । ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଯେଉଁ ବସ୍ତ୍ର ପରିଧାନ ବ୍ୟବସ୍ଥା ରହିଛି ତା'ଭିତରେ ରହିଛି ଯେତିକି ପବିତ୍ରତା ସେତିକି ବିଚିତ୍ରତା କିନ୍ତୁ ଏହି ବସ୍ତ୍ରର ସମ୍ଭାର ଗୁଡ଼ିକ ଅତ୍ୟନ୍ତ ବୈଶିଷ୍ଟ୍ୟପୂର୍ଣ୍ଣ । ମହାପ୍ରଭୁଙ୍କର ପ୍ରଥମ ବେଶ ହୋଇଥାଏ ମଙ୍ଗଳ ଆଳତୀ ପରେ । ଶ୍ରୀଜୀଉଙ୍କ ରାତିର ବଡ଼ ସିଂହାର ବେଶ ଉଲାଗି ହୋଇଥାଏ ଏବଂ ଠିକ ଆମ ମାନଙ୍କ ସକାଳର ଦୈନିକ ମୁହଁଧୁଆ, ଦାନ୍ତଘଷା ଆଦି କର୍ମ ପରେ ତାଙ୍କର ପ୍ରଥମ ବେଶଟି ହେଉଛି ତଡ଼ପ ଉତରୀ ବେଶ । ସ୍ୱତ୍ୱଲିପିରେ ତଡ଼ପର ଅର୍ଥ ଶ୍ରୀମନ୍ଦିରର ଭାଷା ବ୍ୟବସ୍ଥାରେ ଗାମୁଛାକୁ ବୁଝାଏ ଆଉ ଆମେ ବ୍ୟବହାର କରୁଥିବା ଚାଦର ପରି ଅଙ୍ଗବସ୍ତ୍ର ହେଉଛି ମହାପ୍ରଭୁଙ୍କ ଉତରୀ । ବାସ୍ତବିକ ଟିକିଏ ନିରିଖେଇ ଦେଖିଲେ ଜଣାପଡ଼େ ଯେ ଆମ୍ଭ ମାନଙ୍କ ଜୀବନ ଚଳଣିରେ ଯେପରି ବେଶ ବ୍ୟବସ୍ଥା ସବୁ ରହିଛି ମହାପ୍ରଭୁଙ୍କର ମଧ ଠିକ ସେହିପରି । ଦିନର ବିଭିନ୍ନ ସମୟରେ ପାଟବସ୍ତ୍ର ସହିତ ବିଭିନ୍ନ ପୁଷ୍ପ ଅଳଙ୍କାରରେ ଭୂଷିତ ହୋଇ ଅଗଣିତ ଭକ୍ତଜନଙ୍କୁ ଦର୍ଶନ ଦେଇଥାନ୍ତି । ମହାପ୍ରଭୁଙ୍କ ପାଟବସ୍ତ୍ର ହେଉଛି ପବିତ୍ର ଗୀତଗୋବିନ୍ଦ ଖଣ୍ଡୁଆ ।

ମହାପ୍ରଭୁ ମଧ ଠିକ ଆମ ମାନଙ୍କ ପରି ଶୀତ ପ୍ରକୋପରୁ ଉପଶମ ପାଇବା ପାଇଁ ଶୀତବସ୍ତ୍ର ପିନ୍ଧିଥାନ୍ତି । ମାର୍ଗଶୀର ମାସ ଶୁକ୍ଳ ପକ୍ଷ ଓଢ଼ଣ ଷଷ୍ଠୀ ଠାରୁ ଓଢ଼ଣ ଷଷ୍ଠୀ ଯାହାକୁ କେହି କେହି ପ୍ରାବରଣ ଷଷ୍ଠୀ ମଧ କହିଥାନ୍ତି, ଏହି ଦିନରୁ ମହାପ୍ରଭୁଙ୍କ ଶୀତବସ୍ତ୍ର ପରିଧାନ ଆରମ୍ଭ ହୋଇଥାଏ । ଶ୍ରୀମନ୍ଦିର ଭାଷାରେ ଏହା ହେଉଛି 'ଘୋଡ଼ଲାଗି ଉତ୍ସବ' । ତେବେ ମହାପ୍ରଭୁଙ୍କ ବସ୍ତ୍ର ସମର୍ପଣ ପୂର୍ବରୁ ଅର୍ଥାତ୍ ପଂଚମୀ ରାତିରେ ବ୍ରାହ୍ମଣଙ୍କ ଦ୍ୱାରା ଏହି ବସ୍ତ୍ର ସମୂହର ଅଧିବାସ ହୋଇଥାଏ । ମାଦଳା ପାଞ୍ଜି ଓ ସ୍ୱତ୍ୱଲିପିର ତଥ୍ୟ ଅନୁଯାୟୀ 'ବ୍ୟୁତାନସ୍ତୁ' ମନ୍ତ୍ରରେ ଶ୍ରୀବିଗ୍ରହଙ୍କୁ ଆଚ୍ଛାଦାନ କରିବାର ପରମ୍ପରା ରହିଛି । ଓଢ଼ଣ ଷଷ୍ଠୀ ଠାରୁ ମହାପ୍ରଭୁ ଗଡ଼ା ବା ସୂତାବସ୍ତ୍ର, ଖଣ୍ଡୁଆ ପାଟ, ମଖମଲୀ ଘୋଡ଼ ବସ୍ତ୍ର, ଶିରଆବରଣ, ମଫଲର ଓ ଟୋପର ଆଦି ପରିଧାନ କରିଥାନ୍ତି । ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ଏହି ଘୋଡ଼ଲାଗି ନୀତି ଅନ୍ୟତମ । ପରମ୍ପରା ମୁତାବକ ପଂଚମୀ ତିଥିରେ ଶ୍ରୀଜୀଉଙ୍କ ବିଶେଷ ନୀତି ଭାବରେ ରାତ୍ର ଚନ୍ଦନ ଲାଗି ବଢ଼ିବା ପରେ ପତନୀ, ଘୋଡ଼, ଖଣ୍ଡୁଆ ଘୋଡ଼, ପାଗ ମଦନମୋହନ, ବିମଳା, ଶ୍ରୀଦେବୀ ଓ ଭୂଦେବୀଙ୍କ ଘୋଡ଼ ଭୋଗ ମଣ୍ଡପ ଘରେ ଅଧିବାସ କରାଯାଇଛି । ଏହା ପୂର୍ବରୁ ଭୋଗ ମଣ୍ଡପ ଘର ଧୋ ପଖାଳ ହୋଇ ଚାନ୍ଦୁଆ ବନ୍ଧା ହୋଇଥାଏ । ବଡ଼ ସିଂହାର ଭୋଗ ସରି ଶ୍ରୀଜୀଉଙ୍କ ମଇଲମ ବଢ଼ିବା ପରେ ମହାସ୍ନାନ ବଢ଼ିଥାଏ ।

ମାର୍ଗଶୀର ମାସର ଏହି ଓଢ଼ଣ ଷଷ୍ଠୀ ପରଠାରୁ ଫାଲଗୁନ ପୂର୍ଣ୍ଣିମା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଏକ କୌତୁହଳପ୍ରଦ ବସ୍ତ୍ର ପରିଧାନ ବ୍ୟବସ୍ଥା ରହିଛି ଯାହା ସମ୍ପର୍କରେ ଅନେକ ଜାଣିନଥିବେ । ଆମେ ଯେପରି ନିତିଦିନିଆ ପୋଷାକ ପରିଧାନ ବ୍ୟବସ୍ଥାରେ ଶୀତ କମ ଅନୁଭବ କଲା ପରଠାରୁ ହାଲକା ବସ୍ତ୍ର ପିନ୍ଧିଥାଉ ଠିକ ସେହିପରି ମହାପ୍ରଭୁଙ୍କର ମଧ ସ୍ୱତନ୍ତ୍ର ଏକ ବସ୍ତ୍ର ରହିଛି ଯେଉଁଥିରେ ଶ୍ରୀଜୀଉଙ୍କ ଶ୍ରୀଅଙ୍ଗ ସମ୍ପୂର୍ଣ୍ଣ ଅବସ୍ଥାରେ ଆବୃତ ହୋଇନଥାଏ । ବସନ୍ତ ପଂଚମୀ ଠାରୁ ଫଗୁ ଦଶମୀ ପର୍ଯ୍ୟନ୍ତ ପରମ୍ପରା ମୁତାବକ ଶ୍ରୀଜୀଉଙ୍କ ଏହି ବସ୍ତ୍ର ପରିଧାନ ପରମ୍ପରା ଆବହମାନ ସମୟରୁ ରହିଆସିଛି । ଶ୍ରୀମନ୍ଦିରର ସ୍ୱତ୍ୱଲିପିରେ ଏହି ଜାମା ପରିଧାନ ବ୍ୟବସ୍ଥାକୁ ଠିଆ ଘୋଡ଼ ଭାବେ ବର୍ଣ୍ଣନା କରାଯାଇଛି । ସବୁଠାରୁ ମଜାଦାର କଥା ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଅଗ୍ରଜ ପ୍ରଭୁ ବଳଭଦ୍ର ଫ୍ରକ୍ ଦିଶୁଥିବା ପରି ଜାମା ପରିଧାନ କରିଥାନ୍ତି ଓ ଦେବୀ ସୁଭଦ୍ରା ଘେର ହୋଇଥିବା କୁଂଚବସ୍ତ୍ର ପରିଧାନ କରିଥାନ୍ତି । ମହାପ୍ରଭୁଙ୍କ ସମସ୍ତ ଚଳଣି, ରୀତିନୀତି, ପୂଜା ପଦ୍ଧତି ସମ୍ପୂର୍ଣ୍ଣ ପରମ୍ପରା ଅନୁଯାୟୀ ହୋଇଥାଏ । ମହାପ୍ରଭୁଙ୍କ ଏହି ଅନନ୍ୟ ଜାମା ଓ ଶୀତବସ୍ତ୍ର ପରିଧାନ ପୂର୍ବକ ସୌନ୍ଦର୍ଯ୍ୟମୟ କାନ୍ତୀ ବାସ୍ତବିକ ଅଗଣିତ ଭକ୍ତଜନଙ୍କୁ ଦର୍ଶନ ସମୟରେ ଅହେତୁକ ଆନନ୍ଦ ଓ କୃପା ପ୍ରଦାନ କରିଥାଏ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୬୮୯*

# ଶ୍ରବଣ ଶକ୍ତି ଜନିତ ସମସ୍ୟା ଓ ଏହାର ସମାଧାନ

## ।। ନାରାୟଣ ଚନ୍ଦ୍ର ବିଶ୍ୱାଳ ।।

ବିଭିନ୍ନ ଶବ୍ଦକୁ ଶୁଣିବା ପାଇଁ ଆମର ଶ୍ରବଣ ଶକ୍ତି ଥାଏ । ଯଦି ଦୈବାତ୍ ଆମର ଶ୍ରବଣ ଶକ୍ତି ନଷ୍ଟ ହୋଇଯାଏ ତେବେ ଆମକୁ ପୃଥିବୀ ସ୍ତବ୍ଧ ହୋଇଗଲା ପରି ଲାଗେ । ଆମେ ଆଉ ଶୁଣିପାରୁନା ଶ୍ରୁତି ମଧୁର ସଂଗୀତ, ନିଜ ଲୋକ ମାନଙ୍କର ଆଳାପ ଆଲୋଚନା ତଥା ଏହିପରି କେତେ କ'ଣ । ଶ୍ରବଣ ଶକ୍ତି ହରାଇଥିବା ବ୍ୟକ୍ତି ହୋଇ ମାନବ ସମାଜ ଠାରୁ ଭିନ୍ନ, ସେ ଆଉ ଜଣେ ସାଧାରଣ ମଣିଷ ହୋଇ ରହେନାହିଁ, ହୋଇଯାଏ ଶାରୀରିକ ବିକଳାଙ୍ଗ ।

ଶ୍ରବଣେନ୍ଦ୍ରିୟ ଆମ ଶରୀରର ଏକ ଅତି ସୂକ୍ଷ୍ମ ଏବଂ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯାହାଦ୍ୱାରା ଆମେ ଶୁଣିବା ସହ ମୁଣ୍ଡର ସ୍ଥିରତା ବଜାୟ ରଖିଥାଏ । ଶୁଣିବା ଏବଂ କଥା କହିବା ଅଙ୍ଗାଙ୍ଗୀଭାବେ ମଧ ଜଡ଼ିତ । ପିଲାବେଳରୁ ସାଧାରଣତଃ ୫୦୪ରୁ ଉର୍ଦ୍ଧ୍ୱ ସ୍ନାୟୁଗତ ଶ୍ରବଣ ହାନି ଥିଲେ ପିଲା କଥା କହିବା ଶିଖିପାରେ ନାହିଁ । ତା'ଠାରୁ କମ ଶ୍ରବଣ ହାନି ଥିଲେ ମଧ ପିଲା ଡେ଼ରିରେ କହିବା ସହ ପାଟି ଲଗାଇ କହେ । ଏହାଛଡ଼ା ଯେ କୌଣସି ପ୍ରକାରର ଏବଂ ଯେ କୌଣସି ମାତ୍ରାର ଶ୍ରବଣ ହାନି ହେଲେ ମଧ ପିଲା ବେଳେ ଏହା ଶିଶୁର ମସ୍ତିଷ୍କ ପ୍ରଗତିରେ ବ୍ୟାଘାତ ଘଟାଇଥାଏ । ସ୍କୁଲ ପଢ଼ା ପଢ଼ିରେ ମଧ ବ୍ୟାଘାତ ଘଟେ । ବୟସ୍କ ମାନଙ୍କର ଶ୍ରବଣ ହାନି ହେଲେ ମଧ ଉଚ୍ଚାରଣଗତ ସମସ୍ୟା ହେବା ସଙ୍ଗେ ସଙ୍ଗେ ଡିମେନସିଆ ଭଳି ସ୍ନାୟୁଗତ ସମସ୍ୟା ଦେଖାଦେଇଥାଏ । କାନ ସମସ୍ୟା ହେଲେ ଶୁଣିବା ଅସୁବିଧା ହେବା ସଙ୍ଗେ ସଙ୍ଗେ ସୁଳ ବିଶେଷରେ କାନରେ ଅସ୍ୱାଭାବିକ ଶବ୍ଦ ହେବା, ମୁଣ୍ଡ ବୁଲାଇବା, କାନ କୁଣ୍ଡାଇ ହେବା, କାନ ବିନ୍ଧିବା, ବାନ୍ତି ଲାଗିବା ଅଥବା ବାନ୍ତି ହେବା, କାନ ଗରମ ଲାଗିବା ଭଳି ଲକ୍ଷଣମାନ ଦେଖାଦିଏ । ବିଭିନ୍ନ କାରଣରୁ ବିଭିନ୍ନ ପ୍ରକାରର ଶ୍ରବଣ ହାନି ପ୍ରକଟିତ ହୋଇଥାଏ । ଶ୍ରବଣ ଶକ୍ତି ହ୍ରାସର ଲକ୍ଷଣ : ଶ୍ରବଣ ଶକ୍ତି ନଷ୍ଟ ହେବାର ଲକ୍ଷଣ ମାନଙ୍କ ମଧ୍ୟରେ ଉଭୟ କାନ କିମ୍ବା ଗୋଟିଏ କାନରେ ଯନ୍ତ୍ରଣା ଅନୁଭୂତ ହେବା । କାନ ବଧିରା ଲାଗିବା, କାନରେ ଶିଂ ଶିଂ ଶବ୍ଦ ହେବା । ଉଭୟ କାନ କିମ୍ବା ଗୋଟିଏ କାନରେ ଚାପ ଅନୁଭୂତ ହେବା କିମ୍ବା କାନ ଭର୍ତି ହୋଇଯିବା ଭଳି ଲାଗିବା । ଉପରୋକ୍ତ ଲକ୍ଷଣ ମାନ ଦେଖାଦେଲେ ଜଣାଯାଏ ଯେ କାନର ଶ୍ରବଣ ଶକ୍ତି ନଷ୍ଟ ହୋଇଛି । ଶ୍ରବଣ ଶକ୍ତି ନଷ୍ଟ ହେବାଦ୍ୱାରା ଆପଣ ନିଜ ପରିବାର ଏବଂ ସମାଜ ଠାରୁ ଏକ ପ୍ରକାର ଦୂରେଇ ଯାଆନ୍ତି । କାରଣ ଆପଣଙ୍କୁ କିଛି ନଶୁଭିବା ଯୋଗୁଁ ଆପଣଙ୍କ ସହିତ କେହି ବେଶୀ କଥାବାର୍ତା କରିବାକୁ ପସନ୍ଦ କରନ୍ତି ନାହିଁ । କେବଳ ଠାର ମାଧ୍ୟମରେ ଯାହା କିଛି ଭାବର ଆଦାନ ପ୍ରଦାନ କରାଯାଇଥାଏ । ଶ୍ରବଣ ଶକ୍ତି ହ୍ରାସ ଦ୍ୱାରା ମଧ ମଣିଷର ମନୋବଳ ଦୁର୍ବଳ ହୋଇଯାଇଥାଏ ଏବଂ ସେ ନିଜକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରିଥାଏ, କାରଣ କୌଣସି ବିଷୟରେ ଶୁଣିବା ଏବଂ କିଛି ମତାମତ ଦେବାରେ ଭୁଲ ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ । ଚିକିତ୍ସା : ଶ୍ରବଣ ଶକ୍ତି ନଷ୍ଟ ହେବାର ସମ୍ଭାବନା ଦେଖାଦେଲେ ଇଏନଟି ବିଶେଷଜ୍ଞ ଡାକ୍ତର ଏକ ଅଡ଼ିଓଗ୍ରାମ ଟେଷ୍ଟ କରିବା ପାଇଁ ପରାମର୍ଶ ଦେଇଥାନ୍ତି । ଏହାଦ୍ୱାରା ଡାକ୍ତର ଶ୍ରବଣଶକ୍ତିର ଡେସିବଲ (ଶ୍ରବଣ ଶକ୍ତି ମାପର ଏକକ) ଡିଗ୍ରୀ ଅନୁସାରେ ଚିକିତ୍ସା କରିଥାନ୍ତି । ଶ୍ରବଣଶକ୍ତି ହ୍ରାସ ହୋଇଥିବା ବ୍ୟକ୍ତିମାନେ କେବଳ ଉଚ୍ଚତର ଶବ୍ଦ ତରଙ୍ଗକୁ ଶୁଣି ପାରିଥାନ୍ତି କିନ୍ତୁ ସାଧାରଣ ଶବ୍ଦକୁ ଶୁଣି ପାରିନଥାନ୍ତି । ସାଧାରଣ ମଣିଷ ୦-୨୦ ଡେସିବଲ ଡିଗ୍ରୀର ଶବ୍ଦ ତରଙ୍ଗ ଶୁଣିପାରିଥାନ୍ତି । ମଣିଷର ନିଶ୍ୱାସ ପ୍ରଶ୍ୱାସର ଶବ୍ଦ ୧୦ ଡେସିବଲ ହୋଇଥାଏ । ଏହାଠାରୁ ଆହୁରି କ୍ଷୀଣ ଶବ୍ଦ ମଧ ଶୁଣିପାରେ । କିନ୍ତୁ ଶ୍ରବଣଶକ୍ତି ହରାଇଥିବା ବ୍ୟକ୍ତିମାନେ ଅତିକମ୍‌ରେ ୪୧-୫୫ ଡେସିବଲ ଡିଗ୍ରୀର ଶବ୍ଦ ତରଙ୍ଗକୁ ଶୁଣିବାରେ ସକ୍ଷମ ହୁଅନ୍ତି ଏହା ଠାରୁ କମ୍ ଡେସିବଲ ଶବ୍ଦ ସେମାନେ ଶୁଣି ପାରନ୍ତି ନାହିଁ । ସେହିପରି ଅତ୍ୟଧିକ ଶ୍ରବଣଶକ୍ତି ହ୍ରାସ ହୋଇଥିବା ବ୍ୟକ୍ତିମାନେ ୭୧-୯୦ ଡେସିବଲ ଶବ୍ଦ ଶୁଣିପାରନ୍ତି ଯାହାକି ଏକ ସାଧାରଣ ମଣିଷ ପାଇଁ ଶ୍ରୁତିକଟୁ ହୋଇଥାଏ । ଶ୍ରବଣ ହୀନତାର ଶ୍ରେଣୀ ବିଭାଗ : ଶ୍ରବଣ ହୀନତାକୁ ବିଶେଷ କରି ତିନି ଭାଗରେ ବିଭକ୍ତ କରାଯାଇଥାଏ ।

କଣ୍ଡକ୍ଟିଭ ହିୟରିଂ ଲସ୍ : କର୍ଣ୍ଣ ନଳୀରେ କୌଣସି ଅସୁବିଧା ଦେଖାଦେଲେ ଏହି ପ୍ରକାରର ଶ୍ରବଣ ହୀନତା ସୃଷ୍ଟି ହୋଇଥାଏ । ଏହା ବ୍ୟତୀତ କର୍ଣ୍ଣ, ପଟହ, କିମ୍ବା ମଧ କର୍ଣ୍ଣରେ କୌଣସି ଅସୁବିଧା ଥିଲେ ଏହି ଧରଣର ଅସୁବିଧା ଦେଖାଯାଏ । ଯଦି କାନରେ ସଂକ୍ରମଣ ହୋଇଥାଏ, ଟ୍ୟୁମର ହୋଇଥାଏ କିମ୍ବା କାନରେ କୌଣସି ପ୍ରକାର ତରଳ ପଦାର୍ଥ ଯେପରିକି ତେଲ କିମ୍ବା କାନରେ ମଇଳା ଅଧିକ ହୋଇଯାଇଥିଲେ ଏହି ପ୍ରକାରର ଶ୍ରବଣ ହୀନତା ଦେଖାଦେଇଥାଏ । ତେବେ ଏହି ପ୍ରକାରର ଶ୍ରବଣ ହୀନତା ସେତେ ବେଶୀ ଗୁରୁତର ନୁହେଁ । ସାମାନ୍ୟ ଚିକିତ୍ସା ମାଧ୍ୟମରେ ଆପଣ ପୁଣି ପୂର୍ବ ଭଳି ଆପଣଙ୍କ ଶ୍ରବଣ ଶକ୍ତି ଫେରିପାଇବେ ।

ସେନ୍ସରୀନ୍ୟୁରାଲ ହିୟରିଂ ଲସ୍ : ଅନ୍ତକର୍ଣ୍ଣରେ ଥିବା କୋଷ ଗୁଡ଼ିକ ନଷ୍ଟ ହେବା ଫଳରେ ଏହି ପ୍ରକାରର ଶ୍ରବଣ ହୀନତା ଦେଖାଦେଇଥାଏ । ଏହା ବ୍ୟତୀତ ଅଷ୍ଟମ ସ୍ନାୟୁ ଯଦି କ୍ଷତିଗ୍ରସ୍ତ ହୁଏ ତେବେ ଏହି ପ୍ରକାରର ଶ୍ରବଣ ହାନୀ ଘଟିଥାଏ । ସାଧାରଣତଃ ବୟସ ବଢ଼ିବା ସମୟରେ ନର୍ଭ ସିଷ୍ଟମର ପରିବର୍ତନ ଯୋଗୁଁ ଏପରି ଅସୁବିଧା ଦେଖାଦେଇଥାଏ ।

ମିକ୍ସଡ଼୍ ହିୟରିଂ ଲସ୍ : ପୂର୍ବୋକ୍ତ ଦୁଇଟି କାରଣକୁ ନେଇ ଏହି ଧରଣର ଶ୍ରବଣ ହୀନତା ସୃଷ୍ଟି ହୋଇଥାଏ । ଏହା ଅର୍ଥ କର୍ଣ୍ଣର ବହିଃପାର୍ଶ୍ୱ, ମଧ କର୍ଣ୍ଣ, ଅନ୍ତକର୍ଣ୍ଣରେ କିମ୍ବା ଅଡ଼ିଟରୀ ନର୍ଭରେ କୌଣସି ଅସୁବିଧା ଦେଖାଦେଲେ ଏହି ଧରଣର ଶ୍ରବଣ ହୀନତା ସୃଷ୍ଟି ହୋଇଥାଏ । ଗୋଟିଏ କାନ କିମ୍ବା ଦୁଇଟି ଯାକ କାନରେ ଶ୍ରବଣ ହୀନତା ଦେଖାଯାଇପାରେ । ଏହା ହଠାତ୍ ଆରମ୍ଭ ହୋଇଥାଏ ଏବଂ ଧୀରେ ଧୀରେ ବଢ଼ିବାରେ ଲାଗେ । ଯଦି ଏପରି ହୁଏ ତେବେ ଆପଣ ତୁରନ୍ତ ଜଣେ ଇଏନ୍‌ଟି ଡାକ୍ତରଙ୍କ ସହିତ ପରାମର୍ଶ କରିବା ଆବଶ୍ୟକ ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଏକ ହିସାବ ଅନୁଯାୟୀ ବିଶ୍ୱରେ ପ୍ରାୟ ୩୬କୋଟି ଲୋକ ଶ୍ରବଣହାନୀରେ ପୀଡିତ । ଯାହା ଏକ ପ୍ରକାର ବିକଳାଙ୍ଗତା ସୃଷ୍ଟି କରିଥାଏ । ପ୍ରାୟ ୧୦୦ କୋଟିରୁ ଅଧିକ ୧୨ରୁ ୩୫ ବର୍ଷୀୟ ଯୁବକ ଯୁବତୀ ମଧ ବିଭିନ୍ନ ଜାତିର ତୀବ୍ର ଶବ୍ଦ ଏବଂ ମୋବାଇଲ ଭଳି ରେଡ଼ିଏସନର ପ୍ରଭାବରେ ଅଳ୍ପ ବହୁତ ପ୍ରଭାବିତ ହୋଇଥାନ୍ତି । ତେଣୁ ଏଥିରୁ ବୁଝିବାକୁ ହେବ ଯେ ସମଗ୍ର ଜନସଂଖ୍ୟାର ପ୍ରାୟ ଶତକଡ଼ା ୬ ଭାଗ ଲୋକ ବଧୀରତାର ଶିକାର ହୋଇଥାନ୍ତି । ଏହି ଅବସରରେ ସାଧାରଣ ନାଗରିକଟିଏ ଯାବତ ଜୀବନ ଶୁଣିବା ପାଇଁ କାନର କିଛି ଅସୁବିଧା ଥାଉ ବା ନଥାଉ ଶ୍ରବଣ ପରୀକ୍ଷା ବା ଅଡ଼ିଓ ମେଟ୍ରିକ କରାଇନେବା ଉଚିତ । ଏଥିପାଇଁ ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ତରଫରୁ ଏହି ଦିନ ମାଗଣା ଶ୍ରବଣ ପରୀକ୍ଷାମାନ କରାଯାଉଛି । ଏଠାରେ କହିରଖିବା ଉଚିତ ଯେ କାନର କେତେକ ବିଶେଷ ଲକ୍ଷଣ ଥିଲେ ଜଣେ ନିଶ୍ଚିନ୍ତ ଭାବରେ ଶ୍ରବଣ ପରୀକ୍ଷା କରାଇନେବା ବାଞ୍ଛନୀୟ ।

*ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, କଟକ, ଦୂରଭାଷ : ୯୪୩୮୨୭୬୭୬୦*

